SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ଡିସେମ୍ବର - ୨୦୨୩ DECEMBER-2023


## ଶ୍ରୀମନ୍ଦିରରେ ବକୁଳ ଲାଗି ଅମାବାସ୍ୟା

ପୌଷ ମାସର ଅମାବାସ୍ୟାକୁ ବକୁଳ ଅମାବାସ୍ୟା କୁହାଯାଏ । ସଂସ୍କୃତ ଶବ୍ଦ ବକୁଳର ଅର୍ଥ ଆମ୍ବ ବଉଳ । ଆମର ପ୍ରକୃତିଭିତ୍ତିକ ସନାତନ ସଂସ୍କୃତିରେ ପ୍ରକୃତିଗତ ପରିବର୍ତ୍ତନ ସଙ୍ଗେ ସଙ୍ଗେ ପର୍ବ ପର୍ବାଣିର ଆୟୋଜନ ଆବହମାନକାଳରୁ ହୋଇଆସୁଅଛି । ପୌଷ ମାସୀୟ ଶୀତର ଜଡ଼ତାରେ ଆମ୍ର ବୃକ୍ଷରେ କୁସୁମିତ ହୋଇ ଆସୁଥିବା ନବ ବକୁଳର ଆବିର୍ଭାବ ଋତୁରାଜ ବସନ୍ତର ଆଗମନ-ସୂଚନା ପ୍ରଦାନ କରି ଜନ ଜୀବନରେ ନବୀନ ଉତ୍ସାହ, ଉନ୍ମାଦନା ଭରିଦିଏ । ଯାହା ଏକ ପର୍ବର ପରିବେଶ ସୃଷ୍ଟି କରି ତାହାକୁ ଧାର୍ମିକ ଆଧ୍ୟାତ୍ମିକ ମୂଲ୍ୟବୋଧ ସହିତ ସଂଯୋଗ କରିଥାଏ ।



ପ୍ରକୃତିରେ ପରିବର୍ତ୍ତନର ଝଲକ ପ୍ରକୃତି ପ୍ରାଣ ଓଡ଼ିଆଙ୍କ ମନ ମନ୍ଦିରକୁ ପୁଲକିତ, ପଲ୍ଲବିତ କରି ସେମାନଙ୍କୁ ଦେବ ଦେବୀଙ୍କ ସାନ୍ନିଧ୍ୟକୁ ପ୍ରେରିତ କରିଥାଏ । ଉତ୍କଳୀୟ ସଂସ୍କୃତିରେ ବକୁଳ ଅମାବାସ୍ୟା ପର୍ବକୁ ପାରମ୍ପରିକ ରୀତିରେ ପାଳନ କରାଯାଏ । ଆଧ୍ୟାତ୍ମିକତା ଆମ ସଂସ୍କୃତିର ବୈଶିଷ୍ଟ୍ୟ । ଆମ୍ବ ବଉଳ ସଂଗ୍ରହ କରି ସେଗୁଡ଼ିକ ଦେବଦେବୀଙ୍କୁ ଲାଗି କରିବା ସହ ଗଇଁଠା ପିଠା, ବଉଳଗୁଡ଼ିର ନୈବେଦ୍ୟ ପ୍ରସ୍ତୁତ କରି ଭୋଗ କରାଯାଏ । ଗୃହର ଈଷାଣ କୋଣରେ ଗୃହର ଇଷ୍ଟ ଦେବଦେବୀଙ୍କୁ ମଧ୍ୟ ଭୋଗ ଦିଆଯାଏ । କେତେକ ପରିବାରରେ କ୍ଷୀରି ପିଠା ପ୍ରସ୍ତୁତ କରି ସେଥିରେ ବଉଳ ପକାଇ ଭୋଗ ଲଗାଯାଏ । ପ୍ରକୃତିକୁ ପୂଜା କରିବା ନ୍ୟାୟରେ ଲୋକେ ଆମ୍ବ ଗଛ ମୂଳରେ ଗଇଁଠା ପିଠା ଅର୍ପଣ କରନ୍ତି । କେବଳ ଦେବତାଙ୍କୁ ନୁହେଁ ପିତୃପୁରୁଷଙ୍କ ସନ୍ତୁଷ୍ଟି ନିମିତ୍ତ ଧର୍ମଶାସ୍ତ୍ରୀୟ ଗ୍ରନ୍ଥ ଧବଳ ସଂଗ୍ରହରେ ଉଲ୍ଲେଖ ଅଛି- 'ପୌଷେ ତୁ ବକୁଳକ୍ଷୀରପାୟସୈସ୍ତର୍ପୟେତ୍ ପିତୃନ୍ ।' ବକୁଳ କ୍ଷୀର ପାୟସ ପ୍ରସ୍ତୁତ କରି ପିତୃପୁରୁଷଙ୍କୁ ତର୍ପଣ କରି ତୃପ୍ତ କରିବ ।

ପିଠା, ଭୋଗ, ଗଇଁଠା, ଆମ୍ବ ବଉଳ ବନ୍ଧୁ ବାନ୍ଧବ, ସାହି ପଡ଼ିଶାରେ ବିତରଣ କରି ଏହି ବିଧିରେ ସାମାଜିକ ପାରିବାରିକ ବନ୍ଧନ, ଶୃଙ୍ଖଳା ଓ ଆଦର୍ଶବୋଧର ପ୍ରତିଷ୍ଠା କରାଯାଏ । ବଉଳ ମିଶ୍ରିତ ସୁମିଷ୍ଟ ଭୋଗରେ ସମସ୍ତେ ଆପ୍ୟାୟିତ ହୁଅନ୍ତି ।

ଶ୍ରୀଜଗନ୍ନାଥ ମନ୍ଦିରରେ ମଧ୍ୟ ବକୁଳ ଅମାବାସ୍ୟା ଯଥାରୀତି ପାଳିତ ହୁଏ । ଏହି ତିଥିରେ ଶ୍ରୀବିଗ୍ରହମାନଙ୍କର ଆଳତି ଅବକାଶ ବଢ଼ି ବେଶ ହେବା ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଏକ ତୁଳସୀ ମାଳ (ଆଜ୍ଞାମାଳ) ଲାଗି କରାଯାଏ । ବଲ୍ଲଭ ଭୋଗ ଶେଷହୋଇ ସକାଳ ଧୂପ ଉଠିବା ସମୟରେ



ରୋଷରୁ ବଉଳ ଗଇଁଠା ତାଟ ଛାମୁକୁ ଆସେ । ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ପୂଜା କରିଥାଆନ୍ତି । ଟେରାଫିଟି ଆଳତି ବଢ଼ିବା ପରେ ତାଟ ଭିତରେ ଥାଇ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନି ବାଡ଼ରେ ବନ୍ଦାପନା କରନ୍ତି । ତାପରେ ମହାପ୍ରସାଦ କଢ଼ାଯାଇ ଧୋପଖାଳ ହେବା ପରେ ମହାଜନେ ଦକ୍ଷିଣ ଘରୁ ଶ୍ରୀନାରାୟଣଙ୍କୁ ରତ୍ନସିଂହାସନ ଉପରକୁ ବିଜେ କରାନ୍ତି । ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ଠାରେ ପୂର୍ବରୁ ଲାଗି ହୋଇଥିବା ଆଜ୍ଞାମାଳକୁ ଆଣି ଶ୍ରୀନାରାୟଣଙ୍କୁ ସାଗର ବିଜେ ନିମିତ୍ତ ପ୍ରଦାନ କରିଥାଆନ୍ତି । ଆଜ୍ଞାମାଳ ଲାଗି ହେବାପରେ ମହାଜନ ସେବକମାନେ ହସ୍ତରେ ଶ୍ରୀନାରାୟଣଙ୍କୁ ବିଜେ କରାଇ ମୁକ୍ତିମଣ୍ଡପ ତଳେସ୍ଥିତ ପାଲିଙ୍କିରେ ଆସୀନ କରାଇଥାଆନ୍ତି । ଏହାପରେ ଆବଶ୍ୟକ ନୀତି ପରେ ବିମାନବଡୁ ସେବକମାନେ ପାଲିଙ୍କିକୁ ସ୍କନ୍ଧରେ ବହନ କରି ସାଗର ବିଜେ ନୀତି ନିମିତ୍ତ ସ୍ୱର୍ଗଦ୍ୱାର ନିକଟକୁ ଯାଇଥାଆନ୍ତି ।



*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍,*

*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଦେବଦୀପାବଳୀ ଆରମ୍ଭ :

ତା ୧୧.୧୨.୨୩ ରିଖ ସୋମବାର ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ତିଥି ଅବସରରେ ସଂଧ୍ୟାଧୂପ ଶେଷ ହେବା ପରେ ଶୁଦ୍ଧସୁଆରଙ୍କ ଦ୍ୱାରା ସିଂହାସନ ତଳେ ଧୁଆଧୋଇ ହୋଇ ପୋଛ ମରାଯାଇଥିଲା । ପରେ ଭଣ୍ଡାର ମେକାପ



ଘଉଳରେ ଗୋଟିଏ ଗଛ କରିବା ସଙ୍ଗେ ସଙ୍ଗେ ପାଳିଆ ମେକାପ ବଇଠାରେ ଘିଅ ଦେଇ ଗଛମାନଙ୍କରେ ବତୀ ଲଗାଇଥିଲେ । ପରଂପରା ଅନୁଯାୟୀ ୩ଟି ସୁନା ଆଳତି ଲଗାଇଥିଲେ । ଏହାପରେ ପୂଜାପଣ୍ଡା ଉକ୍ତ ଘଉଳଗଛ, ଦୀପ ସମୂହକୁ ସଂସ୍କାର କରି ପାଣି ପକାଇବା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ନୀତି ବଢ଼ିଥିଲା । ବନ୍ଦାପନା ସରିଲା ପରେ ୩ ଜଣ ପାଳିଆ ପୂଜାପଣ୍ଡା 'ମହାଦୀପ' ଆଳତି କରିଥିଲେ ଓ ଜୟବିଜୟ ଦ୍ୱାର ନିକଟରେ ପାଳିଆ ପଢ଼ିଆରୀ କରିଥିବା ଘଉଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରିଥିଲେ । ପରେ ୩ଜଣ ପୂଜାପଣ୍ଡା ଉକ୍ତ ମହାଦୀପକୁ ଆଣି ପାଳିଆ ଚୂନରା ହାତରେ ଦେଇଥିଲେ । ପାଳିଆ ଚୂନରା ତେଲ ଓ ଘିଅ ନେଇ ମନ୍ଦିର ଉପର ୩ ଦେଉଳରେ ଦୀପମାନ ଲଗାଇଥିଲେ ଏବଂ ଚନ୍ଦ୍ର ଉଦିଆ ଜାଳି ରାଜାଙ୍କୁ ଆଶୀର୍ବାଦ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀବିଗ୍ରହମାନଙ୍କ 'ଶ୍ରାଦ୍ଧବେଶ' ଅନୁଷ୍ଠିତ ହୋଇଥାଏ । ଏହି ବେଶରେ ମହାପ୍ରଭୁ ପିତୃପୁରୁଷଙ୍କୁ ପିଣ୍ଡ ଦାନ କରିଥାଆନ୍ତି ।

## ଶ୍ରୀମନ୍ଦିରରେ ମଧ୍ୟ ଦେବଦୀପାବଳୀ :

ତା ୧୨.୧୨.୨୩ ରିଖ ମଙ୍ଗଳବାର ମାର୍ଗଶୀର ଅମାବାସ୍ୟା ନିମନ୍ତେ ସକାଳଧୂପ ସରି ପାଣିପଢ଼ିଲା ପରେ ଦକ୍ଷିଣ ଘରୁ ଅମାବାସ୍ୟା ଠାକୁର ସିଂହାସନକୁ ବିଜେ କରି ସେଠାରୁ 'ଆଜ୍ଞାମାଳ' ପାଇବାରେ ପାଲିଙ୍କିକୁ ବିଜେ କରିଥିଲେ । ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାରସ୍ଥ ଘାଟକୁ ବିଜେ ହୁଅନ୍ତେ ଶୀତଳଭୋଗ, ବନ୍ଦାପନା ହୋଇ ଗୌଡ଼ବାଡ଼ ସାହି, ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ଏବଂ ସଂଧ୍ୟାଧୂପ ସରିଲା ପରେ ଶୁଦ୍ଧସୁଆର ସିଂହାସନ ତଳେ ପୋଛ ମାରିଥିଲେ । ଭଣ୍ଡାର ମେକାପ ଘଉଳରେ ଗୋଟିଏ ଗଛ କରିବା ପରେ ପାଳିଆ ମେକାପ ବଇଠାମାନଙ୍କରେ ଘିଅ ଦେଇ ଗଛମାନଙ୍କରେ ବତୀ ଲଗାଇଥିଲେ । ଏଥିରେ ୩ ଗୋଟି ସୁନା ଆଳତି ଲଗାଇବା ପରେ ୩ଜଣ ପାଳିଆ ପୂଜାପଣ୍ଡା ସଂସ୍କାର କରିଥିଲେ । ଏହାପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସିଂହାସନକୁ ଯାଇ ବନ୍ଦାପନା କରିଥିଲେ । ପୁନର୍ବାର ୩ଜଣ ପାଳିଆ ପୂଜାପଣ୍ଡା ମହାଦୀପ ହାତରେ ଧରି ଜୟବିଜୟ ଦ୍ୱାର ଭିତର ପାଖେ ଆସ୍ଥାନ ପଢ଼ିଆରୀ ପୂର୍ବରୁ କରିଥିବା ଘଉଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କଲାପରେ, ତିନିଗୋଟି ମହାଦୀପକୁ ପୂଜାପଣ୍ଡା 'ନୀଳଚକ୍ର'କୁ ଦେଖାଇ ପାଳିଆ ଚୂନରାକୁ ଦେଇଥିଲେ । ପାଳିଆ ଚୂନରା ଉକ୍ତ ମହାଦୀପ ସହିତ ତେଲ, ଘିଅ ନେଇ ମନ୍ଦିର ଉପରେ ଦୀପମାନ ଓ ଚନ୍ଦ୍ରଉଦିଆ ଜାଳି ରାଜାଙ୍କୁ ଆଶୀର୍ବାଦ କରିଥିଲେ ।

## ଶ୍ରୀମନ୍ଦିରରେ ଶେଷ ଦେବଦୀପାବଳୀ :


ତା ୧୩.୧୨.୨୩ ରିଖ ବୁଧବାର ଦେବଦୀପାବଳୀ ସମାପନ ନିମନ୍ତେ ପୂର୍ବଦିନ ପରି ଘଉଳ ଗଛ ହେବା ପରେ ଦକ୍ଷିଣ ଘରୁ ଶ୍ରୀମଦନମୋହନ ସିଂହାସନକୁ ବିଜେ କରିଥିଲେ । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ୩ଜଣ ପୂଜାପଣ୍ଡା ସଂସ୍କାର କରିଥିଲେ । ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସିଂହାସନ ଉପରକୁ ଯାଇ ବନ୍ଦାପନା ନୀତି କରି ଓହ୍ଲାଇଥିଲେ । ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ଠାକୁର, ଠାକୁରାଣୀଙ୍କୁ ହାତରେ ବିଜେ କରାଇ ଜୟବିଜୟ ଦ୍ୱାର ଭିତର ପାଖେ ହୋଇଥିବା ଘଉଳ ଗଛ ନିକଟରେ ଛିଡ଼ା ହୋଇଥିଲେ । ଏଠାରେ ପୂଜାପଣ୍ଡା ଉକ୍ତ ଘଉଳ ଗଛକୁ ସଂସ୍କାର କରିଥିଲେ । ପଢ଼ିଆରୀ ଜୟବିଜୟ ଦ୍ୱାର ଫିଟାଇଲା ପରେ ମହାଜନମାନେ ଦିଅଁମାନଙ୍କୁ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇଥିଲେ । ରୁନ୍ଧାବଢ଼ି, ମାଳଫୁଲ ଲାଗି ହୋଇ ବିମାନବଡ଼ୁମାନଙ୍କ ଦ୍ୱାରା ବିମାନ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥିଲେ । ସେଠାର ମୂଳିଆ ସୁଆଁସିଆରେ ଦେଇଥିବା କାଠ ଭଦ୍ରାସନ ଉପରେ ଆସ୍ଥାନ ପଢ଼ିଆରୀ କରିଥିବା ଘଉଳ ଗଛରେ ଦୀପ ବସାଇଥିଲେ । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ଘଉଳ ଗଛକୁ ସଂସ୍କାର କରିଥିଲେ । ଏହାପରେ ମୁଦିରସ୍ତ ବନ୍ଦାପନା କଲାପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ପ୍ରାବରଣ ବା ଓଢ଼ଣ ଷଷ୍ଠୀ :

ତା ୧୮.୧୨.୨୩ ରିଖ ସୋମବାର ମାର୍ଗଶୀର ଶୁକ୍ଳ ଷଷ୍ଠୀ ତଥା ଓଢ଼ଣ ଷଷ୍ଠୀ ଅବସରରେ ଦୈନନ୍ଦିନ ନୀତି ପ୍ରକାରେ ସକାଳ ଧୂପ ସରି ପାଣିପଢ଼ିଲା ପରେ ପାଳିଆ ପୁଷ୍ପାଳକଙ୍କ ଦ୍ୱାରା ମୈଲମ ହୋଇଥିଲା । ଏହାପରେ ଭୋଗମଣ୍ଡପ ଘରେ ପୂର୍ବ ରାତ୍ରରେ ଅଧିବାସ ହୋଇ ରହିଥିବା ଘୋଡ଼ ଘଙ୍ଗୁଡ଼ିକୁ ୩ଜଣ ପାଳିଆ ପୁଷ୍ପାଳକ ଏବଂ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ହାତରେ ଧରି ଘଣ୍ଟ, ଛତା, କାହାଳୀ ପଟୁଆରରେ ୩ ବେଢ଼ା ପରିକ୍ରମା କରି ସିଂହାସନକୁ ବିଜେ କରାଇଥିଲେ । ପାଗ ଓ ଘୋଡ଼ ଲାଗି ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ିଥିଲା ଏବଂ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ । ଏହା ପରେ ପାଣିପଢ଼ି ମଧ୍ୟାହ୍ନ ଧୂପ ହୋଇଥିଲା ।

## ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ :

ତା ୨୫.୧୨.୨୩ ରିଖ ସୋମବାର ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପୁଷ୍ପାଳକ ସେବକମାନେ ମଇଲମ ଓ ବେଶ କରିଥିଲେ । ଏହି ବେଶ ସମୟରେ ୧ ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା । ମଧ୍ୟାହ୍ନ ଧୂପ ଓ ଦକ୍ଷିଣ ଘର ଭୋଗ ଶେଷ ହେବା ପରେ ମହାଜନ ସେବକମାନେ ଦକ୍ଷିଣ ଘରୁ



ପଣ୍ଡୁ ନୃସିଂହ ଦେବଙ୍କୁ ରତ୍ନସିଂହାସନକୁ ବିଜେ କରାଇ, ଆଜ୍ଞାମାଳ ପ୍ରାପ୍ତି ପରେ ମୁକ୍ତି ମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇଥିଲେ । ବିମାନବଡ଼ୁମାନେ ବିମାନଙ୍କୁ ଘରି ଆଶ୍ରମ ଭ୍ରମଣ କରାଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।●

## ଜାନୁୟାରୀ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୭.୧.୨୪ ରିଖ ରବିବାର | ଶ୍ରୀମନ୍ଦିରରେ ସଫଳା ଏକାଦଶୀ |
| ତା. ୧୧.୧.୨୪ ରିଖ ଗୁରୁବାର | ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା |
| ତା. ୧୪.୧.୨୪ ରିଖ ରବିବାର | ଶ୍ରୀମନ୍ଦିରରେ ନବାଙ୍କ ବେଶ |
| ତା. ୧୫.୧.୨୪ ରିଖ ସୋମବାର | ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି |
| ତା. ୨୧.୧.୨୪ ରିଖ ରବିବାର | ଶ୍ରୀମନ୍ଦିରରେ ପୁତ୍ରଦା ଏକାଦଶୀ |
| ତା. ୨୫.୧.୨୪ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଦେବାଭିଷେକ ବା ପୁଷ୍ୟାଭିଷେକ ପୂର୍ଣ୍ଣିମା |

**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।** *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଫଟୋରେ ଖବର...



ତା ୧.୧୨.୨୩ରେ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆ ଠାରେ ପଞ୍ଚମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାରେ ଉପସ୍ଥିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ଏବଂ ଉପସ୍ଥିତ ଉଚ୍ଚପଦାଧିକାରୀବୃନ୍ଦ



ତା ୩.୧୨.୨୩ରେ ଶ୍ରୀଗୁଣ୍ଡିଚା ଭକ୍ତନିବାସସ୍ଥିତ ହରିଶଙ୍କର ମନ୍ଦିର ପ୍ରାଙ୍ଗଣରେ ଏକ 'ଉପବନ ଲୋକାର୍ପିତ' ଅବସରରେ ଉପସ୍ଥିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ଏବଂ ସି.ଏସ୍.ଆଇ.ଆର ଡି.ଜି.ଏନ୍. କଲାଇ ସେଲଭି ଏବଂ ସଦସ୍ୟମାନେ



ତା ୩.୧୨.୨୩ରେ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ପି.ଏନ୍.ବି. ଅଧିକାରୀମାନଙ୍କ ଦ୍ୱାରା ଦାନ ସୂତ୍ରେ ପ୍ରଦତ୍ତ ଏକ 'ବ୍ୟାଟେରୀ ଚାଳିତ ଅଟୋ'ର ଚାବି ଗ୍ରହଣ ପୂର୍ବକ ଦାତାମାନଙ୍କୁ 'ମହାପ୍ରଭୁଙ୍କ ଉପଢ୍ୌକନ ଓ ଉପହାର ବାକ୍ସ' ପ୍ରଦାନକରି ସମ୍ମାନିତ କରୁଅଛନ୍ତି



ତା ୪.୧୨.୨୩ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପ୍ରସ୍ତୁତିକୁ ଅନୁଧାନ କରୁଅଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ଏବଂ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶସାକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା।



ତା ୧୧.୧୨.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଅଧକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ



ତା ୧୨.୧୨.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଅଧକ୍ଷତାରେ ଆହୂତ ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା, ପ୍ରକାଶନ ଓ ପ୍ରସାର ଉପ-ସମିତି ଅନ୍ତର୍ଗତ-'ସ୍ୱାଧ୍ୟାୟ ପ୍ରକଳ୍ପ ମଣ୍ଡଳୀ' ବୈଠକ

# ଫଟୋରେ ଖବର...



ତା ୧୯.୧୨.୨୩ ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଅଧକ୍ଷତାରେ ଆହୂତ ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା, ପ୍ରକାଶନ ଓ ପ୍ରସାର ଉପ-ସମିତି ଅନ୍ତର୍ଗତ- 'ଡିଜିଟାଲ୍/ଇଲେକ୍‌ଟ୍ରୋନିକ୍ ମଣ୍ଡଳୀ' ବୈଠକ



ତା ୧୯.୧୨.୨୩ ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଗୁଜୁରାଟର ଚିରାଗ ଚିନୁଭାଇ ପଟେଲ ପାଟ୍ଟଯୋଷୀ ମହାପାତ୍ରଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ 'ଦୁଇଟି ସୁବର୍ଣ୍ଣ ତିଳକ' ଦାନ କରୁଅଛନ୍ତି



ତା ୨୧.୧୨.୨୩ ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଅଧକ୍ଷତାରେ ଆହୂତ ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା, ପ୍ରକାଶନ ଓ ପ୍ରସାର ଉପ-ସମିତି ଅନ୍ତର୍ଗତ- 'ଐତିହ୍ୟ ସ୍ଥାପନ ସଂଯୋଜନା ମଣ୍ଡଳୀ' ବୈଠକ




ତା ୨୧.୧୨.୨୩ ରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଲୋକାର୍ପଣ ଉତ୍ସବ ନିମନ୍ତେ 'ମହାପ୍ରଭୁଙ୍କୁ ନିମନ୍ତ୍ରଣ' ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଗହଣରେ ଉପସ୍ଥିତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟବୃନ୍ଦ ଏବଂ ସେବକମାନେ





ତା ୨୩.୧୨.୨୩ ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ପରିପ୍ରେକ୍ଷୀରେ ପରମପୂଜ୍ୟପାଦ ଗୋବର୍ଦ୍ଧନ ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଉଜ୍ଜୟିନୀ (ମଧ୍ୟ ପ୍ରଦେଶ) ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ସୌଜନ୍ୟମୂଳକ ଆଲୋଚନା କରୁଅଛନ୍ତି

## (୨୦) ୧୮୭୯ ମସିହା ପୁରୀ ରଥଯାତ୍ରା
### (ଭାଗ-୧୪-ସଂଖ୍ୟା ୩୪ - ତା ୨୩ ରିଖ, ଅଗଷ୍ଟ)

ଗତ ରଥଯାତ୍ରା ସଂକ୍ରାନ୍ତରେ ହିନ୍ଦୁ ପେଟ୍ରିଅଟ ପତ୍ରିକା ଯାହା ଲେଖିଥିଲେ ତାହା ପାଠକମାନଙ୍କୁ ଆମ୍ଭେମାନେ ଏଥିପୂର୍ବେ ଜଣାଇଅଛୁଁ । ସେ ଲେଖା କାର୍ଯ୍ୟରେ ଆସିଅଛି, ଆମ୍ଭମାନଙ୍କ ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହବ ଉକ୍ତ ପ୍ରବନ୍ଧରୁ ପୁରୀ ରଥରେ ପୁଲିସର ଅଶିଷ୍ଟଣ୍ଟ ସାହେବମାନେ ବସିଥିବା ଓ ମୁସଲମାନ କନଷ୍ଟବଲମାନେ ରଥ ଛୁଇଁଥିବା ଓ ଠାକୁରଙ୍କ ନୀତି ସରିବା ପୂର୍ବେ ରଥ ଟଣାହେବା ଇତ୍ୟାଦି ବିଷୟ ଅବଗତ ହୋଇ ଶ୍ରୀଯୁକ୍ତ କମିଶନର ସାହେବଙ୍କ ଦ୍ୱାରା ସ୍ଥାନୀୟ କର୍ମଚାରିଙ୍କ ଠାରୁ ଏଥିର କୈଫିୟତ ତଲବ କଲେ । କମିଶନର ସାହେବ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ପୁରୀ ମେଜଷ୍ଟରଙ୍କ ନିକଟକୁ ପଠାଇ ଦେଲେ ଓ ସେ ଅଶିଷ୍ଟଣ୍ଟମାନଙ୍କ ଠାରୁ କୈଫିୟତ ନେଇ ପଠାଇବାରୁ କମିଶ୍ନର ସାହେବ ଆପଣା ମନ୍ତବ୍ୟ ସହିତ ସେ ସବୁ କାଗଜ ଗବର୍ଣ୍ଣମେଣ୍ଟଙ୍କୁ ପଠାଇ ଅଛନ୍ତି ବା ଆଜିକାଲି ପଠାଇବେ । ଆମ୍ଭେମାନେ ଭରସା କରୁଁ ଗବର୍ଣ୍ଣର ସାହେବ ଏଥିର ସୁବିଚାର କରି ବିହିତ ଆଜ୍ଞା ପ୍ରଦାନ କରିବେ । କିଏ କି କୈଫିୟତ ଦେଇଅଛନ୍ତି ଏହା ଜାଣିବାକୁ ପାଠକମାନେ ଉତ୍ସୁକ ହେବେ ଅତଏବ ଆମ୍ଭେମାନେ ନାନାଦିସୂତ୍ରେ ଯାହା ଅବଗତ ହୋଇଅଛୁଁ ତାହା ନିମ୍ନେ ଲେଖୁଅଛୁଁ ।

ପୁଲିସ ଅଶିଷ୍ଟଣ୍ଟଙ୍କ ମଧରେ ଜଣେ କଟକର କକ ସାହେବ ଓ ଅନ୍ୟଜଣେ ପୁରୀର ରବର୍ଟ ସାହେବ । କକ ସାହେବ ଦୋଷ ସ୍ୱୀକାର କରି ଲେଖିଅଛନ୍ତି ରଥଚକ୍ରର ଅଖ ଉପରୁରେ ପଡ଼ିଥିବା ମୋଟ କାଷ୍ଠଖଣ୍ଡ ଉପରେ ଆମ୍ଭେ ଅନେକଥର ବସିଅଛୁଁ ଓ ଥରେ ତହିଁରେ ବସି ଚାହା ପାନ କରିଅଛୁଁ । ଏହା ଆପତ୍ତିଜନକ ବୋଲି ଆମ୍ଭଙ୍କୁ ଜଣା ନଥିଲା କିମ୍ବା କେହି ଆମ୍ଭଙ୍କୁ ନିଷେଧ ନ କଲେ ନଚେତ ଆମ୍ଭେ କଦାପି ବସି ନଥାନ୍ତୁ । ଥରେ ରଥରେ ବସି ଥିଲେ ପ୍ରଧାନ ମହନ୍ତ ସହିତ କଥୋପକଥନ କରିଥିଲୁଁ ସେ ମଧ ନିଷେଧ ନ କଲେ । ମୁସଲମାନ କନଷ୍ଟବଲ ନିଯୁକ୍ତ କରିବାର ଦୋଷଯୁକ୍ତ ବୋଲି ଆମ୍ଭଙ୍କୁ ଗୋଚର ନଥିଲା, ତଥାଚ ଆମ୍ଭେ ସେମାନଙ୍କୁ ରଥ ପଛରେ ରଖି ହିନ୍ଦୁକନଷ୍ଟବଲଙ୍କୁ ଆଗରେ ରଖାଇଥିଲୁଁ ନୀତି ସରିବା ପୂର୍ବେ ରଥଟଣା କଥା ସତ ନୁହେଁ, ଆମ୍ଭେ ସେବକମାନଙ୍କୁ ପଚାରି ଓ ସେମାନଙ୍କ ଉତ୍ତରରୁ ନୀତି ଶେଷ ହେବାର ଜ୍ଞାତ ହୋଇ ରଥ ଟାଣିବାର ଆଜ୍ଞା ଦେଇଅଛୁଁ । ରବର୍ଟ ସାହେବ ମଧ ଦୋଷ ସ୍ୱୀକାର କରି ଆପଣାର ଅଜ୍ଞାନତାକୁ ତହିଁର କାରଣ ସ୍ୱରୂପ ଦେଖାଇ ଅଛନ୍ତି । ମେଜଷ୍ଟର ସାହେବ୍ ଲେଖନ୍ତି ଆମ୍ଭେ ଶାରୀରିକ ଅସୁସ୍ଥତା ହେତୁ ସେ ଦିନ ଯାତ୍ରାରେ ଉପସ୍ଥିତ ନଥିଲୁ ତହିଁ ଆରଦିନ ଶୁଣିଲୁ ଯେ ଅଶିଷ୍ଟଣ୍ଟମାନେ ରଥରେ ବସିବାରୁ ହିନ୍ଦୁମାନେ ବିରକ୍ତ ହୋଇଅଛନ୍ତି । ତହୁଁ ଆମ୍ଭେ ସେମାନଙ୍କୁ ପଚାରିବାରେ ସେମାନେ ଏକଥା ମାନିଲେ । ମୁସଲମାନ କନଷ୍ଟବଲମାନେ କେବଳ ଯାତ୍ରିମାନଙ୍କୁ ରଥଠାରୁ ଅନ୍ତର ରଖିବାରେ ନିଯୁକ୍ତ ଥିଲେ । ସେମାନେ ରଥ ଚଳାଉ ନଥିଲେ ଓ ସବୁ ନୀତି ଶେଷ ହେବା ଉତ୍ତାରେ ରଥଟଣା ହୋଇଅଛି । କକ ସାହେବ ନୂତନ ଓ ସେ ଯେପରି ମୁକ୍ତ କଣ୍ଠରେ ସବୁ କଥା ସ୍ପଷ୍ଟ ଲେଖିଅଛନ୍ତି ଓ ଚାହା ପାନର କଥା କୌଣସି ପତ୍ରିକାରେ ଉଲ୍ଲେଖ ନଥିଲେ ମଧ ତାହା ସେ ଆପଣା ମୁଖେ ସ୍ୱୀକାର କରିଅଛନ୍ତି । ଏଥିରୁ ବୋଧହୁଏ ଯେ ରଥରେ ବସିବା ଦୋଷଜନକ ବୋଲି ବାସ୍ତବରେ ତାଙ୍କୁ ଜଣା ନଥିଲା । କିନ୍ତୁ ସେ ଜଣେ ପ୍ରଧାନ ପୁଲିସ କର୍ମଚାରୀ ଥିବାରୁ ଲୋକମାନଙ୍କର ଧର୍ମ ରୀତି ନୀତି ଇତ୍ୟାଦି କଥା ତାଙ୍କୁ ଜାଣିବାର ଉଚିତ୍ । ଇଂରେଜମାନେ ହିନ୍ଦୁ ଦେବମନ୍ଦିର ମଧକୁ ଯିବାର ନିଷେଧ, ଏତକ ସେ ଅବଶ୍ୟ ଜାଣୁଥିବେ । ରଥରେ ବସିବାରେ କିଛି ଦୋଷ ଅଛି କି ନା ଏହା ବୁଝିବାର ତାଙ୍କୁ ଆବଶ୍ୟକ ଥିଲା ଓ ସେ ବୁଝିଥିଲେ ଏହା ଘଟି ନଥାନ୍ତା । ଏତିକିରେ ତାଙ୍କର ଦୋଷ କିନ୍ତୁ ତାଙ୍କ ଅପେକ୍ଷା ରବର୍ଟ ସାହେବଙ୍କ ଦୋଷ ଅଧିକ କାରଣ ସେ ନୂତନ ନୁହନ୍ତି ଓ ଜାଣୁ ନଥିବାର ସେ ଯେ ଉତ୍ତର କରନ୍ତି ଏହା ଶୁଣିବାର ଯୋଗ୍ୟ ନୁହେଁ । ଯାହା ହେଉ ହିନ୍ଦୁପେଟ୍ରିଅଟ ଯଥାର୍ଥ କହିଅଛନ୍ତି । ଏପରି କାର୍ଯ୍ୟରେ ଅପ୍ରବୀଣ ଯୁବା ଇଂରେଜ କର୍ମଚାରିଙ୍କୁ ନିଯୁକ୍ତ କରିବାର ଉଚିତ୍ ନଥିଲା । ଆର୍ମଷ୍ଟ୍ରଙ୍କ ସାହେବତ ଅପ୍ରବୀଣ ନୁହନ୍ତି ସେ କାହିଁକି ସେମାନଙ୍କୁ ସବୁକଥା ପୂର୍ବରୁ ବୁଝାଇ ନ ଦେଲେ ଓ ଉତ୍ତମ ତତ୍ତ୍ୱାବଧାରଣ ନକଲେ ଏବଂ ସେ ଏପରି ଗୁରୁତର କଥା ଜ୍ଞାନ ହୋଇ କାହିଁକି ତୁନି ହୋଇ ରହିଲେ ।

ଉପରଲିଖିତ ବିଷୟରେ କମିଶନର ସାହେବ କି ମନ୍ତବ୍ୟ ପ୍ରକାଶ କରିଅଛନ୍ତି ଆମ୍ଭେମାନେ ଏ ପର୍ଯ୍ୟନ୍ତ ଜ୍ଞାତ ହୋଇନାହୁଁ । ବର୍ତ୍ତମାନ ସେ ମହନ୍ତଙ୍କ ପକ୍ଷରେ ବିଚାର କରିବାର ଆବଶ୍ୟକ । କକ ସାହେବ ତାଙ୍କର ନାମ ନ ଲେଖି ପ୍ରଧାନ ମହନ୍ତ ବୋଲି ଲେଖନ୍ତି ଓ ତାଙ୍କ ସଙ୍ଗେ ସେ କଥୋପକଥନ କରିଥିଲେ । ଏଥିରୁ ଜଣାଯାଏ ଯେଉଁ ମହନ୍ତମାନେ ସାହେବମାନଙ୍କର ନିକଟକୁ ଯାତାୟତ କରନ୍ତି ସେମାନଙ୍କ ମଧରୁ କେହି ହୋଇଥିବ । ତେବେ ସେ ସାହେବଙ୍କୁ କିଛି କହିଲେ କାଳେ ସାହେବ ମାରି ଗୋଡ଼ାଇବ ଏପରି ଅଜ୍ଞ ନଥାଇ ସାହେବଙ୍କ ମରଜି ଯୋଗାଇବା ଓ ଖୋସାମଦିଆ ବ୍ୟକ୍ତି ହୋଇଥିବ । ଆପଣାର ଧର୍ମନଷ୍ଟ ପଛକେ ହେଉ ସାହେବଙ୍କର ସୁମତି ଥାଉ ଓ ବିରକ୍ତି ନ ଜନ୍ମୁ ଏହିଭଳି ଲୋକ ସେ ଅଟଇ । ନଚେତ୍ ସେ କକ ସାହେବଙ୍କୁ ଅବଶ୍ୟ ନିଷେଧ କରିଥାନ୍ତା । ହିନ୍ଦୁଧର୍ମ ରକ୍ଷା ପକ୍ଷରେ ଦୃଷ୍ଟି ରଖିବାର ମହନ୍ତମାନଙ୍କର ବିଶେଷ କର୍ତ୍ତବ୍ୟ ଯଦ୍ୟପି ସେମାନେ ଏଥିରେ ତ୍ରୁଟିକଲେ ଓ ଧର୍ମରକ୍ଷା ନିମନ୍ତେ ପଦେ କଥା କହିବାକୁ ଇଚ୍ଛା ନକଲେ ତେବେ ଏକା ସାହେବଙ୍କୁ ଅବା କାହିଁକି ଦୋଷୀ କରିବା । ଆମ୍ଭମାନଙ୍କ ବିବେଚନାରେ ସାହେବଦ୍ୱୟଙ୍କ ଅପେକ୍ଷା ସେ ମହନ୍ତ ଅଧିକ ଦୋଷୀ ଅଟେ ଓ ତାକୁ ମହନ୍ତ ନ କହି ମାହୁନ୍ତ କହିଲେ ହୁଏ ।



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

ପୂର୍ବ ପ୍ରକାଶିତ ଉତ୍ତାରୁ ....

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପୂଜାବିଧି :
ଓଁ ଶ୍ରୀଗଣେଶାୟ ନମଃ

### ଅବିଘ୍ନମସ୍ତୁ

''ମଙ୍ଗଳାଚରଣମ୍'

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ପଶ୍ଚିମେ ବରୁଣଃ ପାତୁ ବାୟବ୍ୟେ ବାୟୁଦେବତା ।
ଉତ୍ତରେ ଧନଦଃ ପାତୁ ଐଶାନ୍ୟାମୀଶ୍ୱରଃ ପ୍ରଭୁଃ ॥
ଉର୍ଦ୍ଧ୍ୱେ ପିତାମହଃ ପାତୁ ଅଧୋଽନନ୍ତୋ ବିଭୁଃ ସଦା ।
ଏବଂ ଦଶଦିଶୋ ରକ୍ଷାଂ କୁର୍ବନ୍ତୁ ଦେବତା ଗଣାଃ ॥

ସାମାନ୍ୟ-ଅର୍ଘ୍ୟସଂସ୍କାରଃ :

ସ୍ୱବାମେ ମତ୍ସ୍ୟମୁଦ୍ରୟାଂ ଭୂମୌ ତ୍ରିକୋଣଂ ଷଟ୍‌କୋଣଂ
ତଦ୍‌ବହିଃ ବୃତ୍ତଂ ତଦ୍ ବହିଶ୍ଚତୁରସ୍ରଂ ମଣ୍ଡଳମାଲିଖ୍ୟ
'ଓଁ ଆଧାରଶକ୍ତୟେ ନମଃ' ଇତ୍ୟନେନ ଭୂମୌ ଗନ୍ଧପୁଷ୍ପଂ ଚ
ଦତ୍ତ୍ୱା ପ୍ରଣବେନ ଶଙ୍ଖ ଧାରଂ ପ୍ରକ୍ଷାଲ୍ୟ ମଣ୍ଡଳୋପରି
ସଂସ୍ଥାପ୍ୟ 'ଓଁ ଅସ୍ତ୍ରାୟଫଟ୍' ଇତ୍ୟନେନ ଶଙ୍ଖଧୌତଂ
କୃତ୍ୱା ଶଙ୍ଖାଧାରୋପରି ସଂସ୍ଥାପ୍ୟ ପ୍ରଣବେନ ଜଳଂ
ପୁରୟିତ୍ୱା ତଦୁପରି ପ୍ରଣବେନ ଗନ୍ଧ-ପୁଷ୍ପ-ତୁଳସୀଞ୍ଚ ଦତ୍ତ୍ୱା
କରୋଦରେଣ ଆଚ୍ଛାଦ୍ୟ ପ୍ରାଣବଂ ଅଷ୍ଟଧା କପେତ୍ ।
ତତଃ ତସ୍ମାଦ୍ ଜଳଂ ନୀତ୍ୱା ଦକ୍ଷିଣଦିକ୍‌ସ୍ଥିତଂ ପ୍ରୋକ୍ଷଣୀପାତ୍ରେ
ତ୍ରିବାରଂ ପୁରୟିତ୍ୱା ପ୍ରୋକ୍ଷଣୀପାତ୍ରସ୍ଥଂ ଜଳଂ ପ୍ରଣବେନ
ଦେବତାଂ ଆତ୍ମାନଂ ତଥା ପୂଜାଦ୍ରବ୍ୟାଣି ଚାଭିସିଞ୍ଚୟେତ୍ ।
ଅଥ ବରୁଣଘଟସ୍ଥାପନଂ ପୂଜନଂ ଚ- ଅୟମାରମ୍ଭଃ ଶୁଭାୟ ଭବତୁ ।
ସର୍ବମଙ୍ଗଳମାଙ୍ଗଲ୍ୟଂ ବରେଣ୍ୟଂ ବରହଂ ଶୁଭମ୍ ।
ନାରାୟଣଂ ନମସ୍କୃତ୍ୟଂ ସର୍ବକର୍ମାଣି କାରୟେତ୍ ॥
ଅଭିପ୍ରେତାର୍ଥସିଦ୍ଧ୍ୟର୍ଥଂ ପୂଜିତୋ ଯଃ ସୁରାସୁରୈଃ ।
ସର୍ବବିଘ୍ନବିନାଶାୟ ଗଣାଧିପତୟେ ନମଃ ॥

ଓଁ ଶ୍ରୀମନ୍‌ମହାଗଣାଧିପତୟେ ନମଃ । ଓଁ ବାଣୀହିରଣ୍ୟଗର୍ଭାଭ୍ୟାଂ ନମଃ ।
ଓଁ ଲକ୍ଷ୍ମୀନାରାୟଣାଭ୍ୟାଂ ନମଃ । ଓଁ ଉମାମହେଶ୍ୱରାଭ୍ୟାଂ ନମଃ ।
ଓଁ ଶଚୀପୁରନ୍ଦରାଭ୍ୟାଂ ନମଃ । ଓଁ ମାତୃପିତୃଚରଣକମଳେଭ୍ୟୋ ନମଃ ।
ଓଁ ଇଷ୍ଟଦେବତାଭ୍ୟୋ ନମଃ । ଓଁ କୁଳଦେବତାଭ୍ୟୋ ନମଃ ।
ଓଁ ଗ୍ରାମଦେବତାଭ୍ୟୋ ନମଃ । ଓଁ ସ୍ଥାନଦେବତାଭ୍ୟୋ ନମଃ ।
ଓଁ ବାସ୍ତୁଦେବତାଭ୍ୟୋ ନମଃ । ଓଁ ସୂର୍ଯ୍ୟାଦିନବଗ୍ରହେଭ୍ୟୋ ନମଃ ।
ଓଁ ସର୍ବେଭ୍ୟୋ ବ୍ରାହ୍ମଣେଭ୍ୟୋ ନମଃ ।
ଏତତ୍‌କର୍ମଣଃ ପ୍ରଧାନଦେବତା ଶ୍ରୀଜଗନ୍ନାଥାଦିଚତୁର୍ଦ୍ଧାମୂର୍ତ୍ତୟେ ନମଃ ।
ଓଁ ଭୂରସି ଭୂମିରସ୍ୟ ବିତିରସି ବିଶ୍ୱଧାୟା ବିଶ୍ୱସ୍ୟ ଭୁବନସ୍ୟ ଧର୍ତ୍ତ୍ରୀ ।
ପୃଥିବୀଂ ଯଚ୍ଛ ପୃଥିବୀଂ ଦୃଂହ ପୃଥିବୀଂ ମା ହିଂସୀଃ । (ଅନେନ ଭୂମି ସ୍ପର୍ଶନଂ) ।
ଓଁ ଧାନ୍ୟମସି ଧିନୁହି ଦେବାଂଧିନୁହି ଯଜ୍ଞମ୍ । ଧିନୁହି ଯଜ୍ଞପତିମ୍ ।
ଧିନୁହି ମାଂ ଯଜ୍ଞନ୍ୟମ୍ । (ଅନେନ ଭୂମୌ ଧାନ୍ୟ-ସ୍ଥାପନମ୍) ।
ଓଁ ବରୁଣସ୍ୟୋତ୍ତମ୍ଭନମସି ବରୁଣସ୍ୟ ସ୍କମ୍ଭସର୍ଜନୀସ୍ଥଃ ।
ବରୁଣସ୍ୟ ଋତ୍ ସଦନ୍ୟସି ବରୁଣସ୍ୟ ଋତସଦନମସି ବରୁଣ୍ୟଋତସଦନୀମାସୀଦ୍ ।
(ଅନେନ କଳଶେ ଜଳପୁରଣଂ)
ଓଁ ଆଜିଘ୍ରକଳଶଂ ମହ୍ୟାତ୍ୱା ବିଶନ୍ତ୍ୱିନ୍ଦବଃ ।
ପୁନରର୍ଜା ନିବର୍ତସ୍ୱ ସାନଃ ସହସ୍ରଂ ଧୁକ୍ଷ୍ୱୋରୁଧାରା ପୟସ୍ୱତୀ ପୁନର୍ମା ବିଶତା ଦ୍ରୟିଃ ।
(ଅନେନ ଧାନ୍ୟୋପରି ଜଳପୂର୍ଣ୍ଣଂ କଳଶ ସ୍ଥାପନମ୍)

(କ୍ରମଶଃ...)

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୬) ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ

ଶ୍ରୀରାମନବମୀ ଦିନ ମର୍ଯ୍ୟାଦାପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହେବାପରେ ଏହି ଉତ୍ସବର ପରିସମାପ୍ତି ନହୋଇ ପରବର୍ତ୍ତୀ ଚୈତ୍ର ଶୁକ୍ଳ ଦଶମୀ, ଏକାଦଶୀ, ଦ୍ୱାଦଶୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା, ବୈଶାଖ କୃଷ୍ଣ ପ୍ରତିପଦା ଓ ଦ୍ୱିତୀୟା ତିଥିମାନଙ୍କରେ ଯଥାକ୍ରମେ- ଯଜ୍ଞରକ୍ଷା, ସୀତାବିବାହ, ବନବାସ, ମାୟାମୃଗବଧ, ଲଙ୍କାପୋଡ଼ି, ସେତୁବନ୍ଧ ଓ ରାବଣବଧ ଉତ୍ସବ ପାଳିତ ହୋଇଥାଏ ।



**ଯଜ୍ଞରକ୍ଷା :** ଚୈତ୍ରମାସ ଶୁକ୍ଳପକ୍ଷ ଦଶମୀ ଦିନ ମହାପ୍ରଭୁଙ୍କର ଅନ୍ୟାନ୍ୟ ନୀତି ବଢ଼ି ସନ୍ଧ୍ୟାଧୂପ ଶେଷ ହେବା ପରେ ମହାଜନ ସେବକମାନେ ଦକ୍ଷିଣଘରୁ ବିଜେ ପ୍ରତିମା ଶ୍ରୀରାମଚନ୍ଦ୍ର ଓ ଶ୍ରୀଲକ୍ଷ୍ମଣଙ୍କୁ ନେଇ ରତ୍ନସିଂହାସନରେ ବିଜେ କରାନ୍ତି । ପୂଜାପଣ୍ଡା ସେବକ ଉଭୟ ବିଜେ ପ୍ରତିମାଙ୍କୁ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପ୍ରଦାନ କରନ୍ତି । ମହାଜନ ସେବକମାନେ ଆଜ୍ଞାମାଳ ପାଇଥିବା ଶ୍ରୀରାମଚନ୍ଦ୍ର ଓ ଶ୍ରୀଲକ୍ଷ୍ମଣଙ୍କୁ ହାତରେ ନେଇ ମୁକ୍ତିମଣ୍ଡପ ସମୀପରେ ଥିବା ପାଲିଙ୍କିରେ ବିଜେ କରାନ୍ତି । ଏହାପରେ ବିମାନବଡୁ ସେବକମାନେ ଘଣ୍ଟ, ଛତା, କାହାଳୀ ସହିତ ପାଲିଙ୍କିକୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନିଅନ୍ତି । ସେଠାରେ ଉଭୟ ବିଜେ ପ୍ରତିମା ବିଜେ ଘରେ ପଡ଼ିଥିବା ଖଟଶେଯରେ ବିଜେ ହେଲେ ସେମାନଙ୍କ ଶ୍ରୀଅଙ୍ଗରୁ ପ୍ରସାଦମାଳ ମଠ ମହାବୀରଙ୍କୁ ପ୍ରଦାନ କରାଯାଇଥାଏ । ଏହାପରେ ଶ୍ରୀରାମଚନ୍ଦ୍ର ଓ ଶ୍ରୀଲକ୍ଷ୍ମଣଙ୍କ ସମ୍ମୁଖରେ ଶୀତଳଭୋଗ ବଢ଼ାଯିବା ଉତ୍ତାରେ ପୂଜାପଣ୍ଡା ସାମନ୍ତ ଭୋଗ ମଣୋହି କରିଥାଆନ୍ତି । ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ଦୁଇଜଣ ନାକ ଓ କାନ (ଖର, ଦୂଷଣ), ଶୂର୍ପଣଖା, ବିଶ୍ୱାମିତ୍ର ମୁନି ଓ ବାଳକ ରୂପରେ ଦୁଇଜଣ ରାମ ଓ ଲକ୍ଷ୍ମଣ ବେଶ ଧାରଣ କରି ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଉପସ୍ଥିତ ହୁଅନ୍ତି । ବିଜେପ୍ରତିମା ଶ୍ରୀରାମଚନ୍ଦ୍ର ଓ ଶ୍ରୀଲକ୍ଷ୍ମଣଙ୍କ ଶ୍ରୀଅଙ୍ଗରୁ ପ୍ରସାଦମାଳ ରାମ ଓ ଲକ୍ଷ୍ମଣ ବେଶଧାରୀ ବାଳକଦ୍ୱୟଙ୍କୁ ଦିଆଯାଏ । ଉଭୟ ବିଜେ ପ୍ରତିମାଙ୍କ ସମକ୍ଷରେ ନୃତ୍ୟରତ ଖର, ଦୂଷଣ ଓ ଶୂର୍ପଣଖାଙ୍କୁ ରାମ ଓ ଲକ୍ଷ୍ମଣଙ୍କ ଦ୍ୱାରା ଲାଖବିନ୍ଧାଯିବା ପରେ ବିଜେ ପ୍ରତିମାଦ୍ୱୟ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ଦକ୍ଷିଣଘରକୁ ଯାଆନ୍ତି ।

**ସୀତାବିବାହ :** ଚୈତ୍ର ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ସୀତା ବିବାହ ନୀତି ଅନୁଷ୍ଠିତ ହୋଇଥାଏ । ଏହିଦିନ ଅନ୍ୟାନ୍ୟ ନୀତି ବଢ଼ି ସନ୍ଧ୍ୟା ଆଳତି ବେଶ ହେବା ସମୟରେ ତିନିଖଣ୍ଡ ଆଜ୍ଞାମାଳ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥାଏ । ସନ୍ଧ୍ୟାଧୂପ ବଢ଼ିବା ପରେ ବିଜେ ପ୍ରତିମା ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ ଓ ଦେବୀ ସୀତା ଦକ୍ଷିଣଘରୁ ମହାଜନ ସେବକମାନଙ୍କ ହାତରେ ରତ୍ନସିଂହାସନକୁ ବିଜେ ହୁଅନ୍ତି । ପୂଜାପଣ୍ଡା ତିନି ଠାକୁର ଠାକୁରାଣୀଙ୍କୁ ଆଜ୍ଞାମାଳ ପ୍ରଦାନ କରନ୍ତି । ଏହାପରେ ମହାଜନ ସେବକମାନେ ଘଣ୍ଟ, ଛତା, କାହାଳୀ ଓ ଛାମୁଦିହୁଡ଼ି ସହ ସେମାନଙ୍କୁ ହାତରେ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାନ୍ତି । ବିମାନବଡୁ ସେବକମାନେ ପାଲିଙ୍କିରେ ବିଜେପ୍ରତିମାମାନଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଯା'ନ୍ତି । ସେଠାରେ ବିଜେ ପ୍ରତିମାମାନେ ବିଜେ ଘର ଖଟଶେଯରେ ବିଜେ କରନ୍ତି । ଏହି ଅବସରରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ଜଣେ ଯୁବକ ପରଶୁରାମ ବେଶ ଧାରଣ କରି ସେଠାକୁ ଆସନ୍ତି । ତାଙ୍କ ସହ ରାମ, ଲକ୍ଷ୍ମଣ, ସୀତା ଓ ବିଶ୍ୱାମିତ୍ର ବେଶ ଧାରଣ କରି ବାଳକମାନେ ଆସିଥାଆନ୍ତି । ସେଠାରେ ପରଶୁରାମ ନୃତ୍ୟ ପରିବେଷଣ କରନ୍ତି । ପରିଶେଷରେ ପରଶୁରାମ ନିଜର ଧନୁ ଓ ଫାର୍ଶାକୁ ବିଜେ ପ୍ରତିମାମାନଙ୍କ ସମ୍ମୁଖରେ ସମର୍ପଣ କରନ୍ତି । ଏହାପରେ ତିନି ବିଜେପ୍ରତିମାଙ୍କ ନିକଟରେ ପୂଜାପଣ୍ଡା ଶୀତଳଭୋଗ ମଣୋହି କରିଥାଆନ୍ତି । ବନ୍ଦାପନା ବଢ଼ିବା ପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ଦକ୍ଷିଣଘରେ ଅବସ୍ଥାନ କରନ୍ତି ।

**ବନବାସ :** ଚୈତ୍ରମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀରାମ ଲୀଳା କ୍ରମରେ ବନବାସ ଲୀଳା ଅନୁଷ୍ଠିତ ହୋଇଥାଏ । ଏହିଦିନ ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁଙ୍କୁ ତିନିଖଣ୍ଡ ଆଜ୍ଞାମାଳ ଲାଗି ହୋଇଥାଏ । ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣଘରୁ ତିନି ବିଜେ ପ୍ରତିମାମାନଙ୍କୁ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପ୍ରଦାନ କରନ୍ତି । ଏହାପରେ ଘଣ୍ଟ, ଛତା, କାହାଳୀ ଓ ଛାମୁଦିହୁଡ଼ି ସହ ମହାଜନ ସେବକମାନେ ବିଜେ ପ୍ରତିମାମାନଙ୍କୁ ହାତରେ ନେଇ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରନ୍ତି । ବିମାନବଡୁ ସେବକମାନେ ପାଲିଙ୍କିକୁ କାନ୍ଧେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନିଅନ୍ତି । ସେଠାରେ ଏକ ଖଟ ଉପରେ ତିନି ବିଜେ ପ୍ରତିମାଙ୍କୁ ଅଧିଷ୍ଠିତ କରାଯାଏ । ବିଜେ ପ୍ରତିମାଙ୍କଠାରୁ ପ୍ରସାଦମାଳ ନେଇ ମଠ ମହାବୀରଙ୍କୁ ଦିଆଯାଏ । ମାର୍କଣ୍ଡେଶ୍ୱର ସାହିର ନିର୍ଦ୍ଦିଷ୍ଟ ଲୋକମାନେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ବେଶ ଧାରଣ କରି ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଆସନ୍ତି । ସେମାନେ ତିନି ବିଜେ ପ୍ରତିମାଙ୍କ ସମ୍ମୁଖରେ ବନବାସ ଲୀଳା ପ୍ରଦର୍ଶନ କରନ୍ତି । ଏହାପରେ ପୂଜାପଣ୍ଡା ଶୀତଳଭୋଗ ମଣୋହି ସମ୍ପନ୍ନ କରନ୍ତି । ବନ୍ଦାପନା ବଢ଼ିବା ପରେ ବିଜେପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ଦକ୍ଷିଣଘରେ ଅବସ୍ଥାନ କରିଥାନ୍ତି । (କ୍ରମଶଃ..)

*ଡକ୍ଟର ନରେଶ ଚନ୍ଦ୍ର ଦାଶ*
● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ ପୂଜା-ପଦ୍ଧତିରେ 'ଜୟବିଜୟ ପୂଜା' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ସୂର୍ଯ୍ୟ ପୂଜାର ଠିକ୍ ପରେ ପରେ ଜୟବିଜୟ ଦ୍ୱାର ତଳ ପାହାଚରେ ଜୟବିଜୟଙ୍କ ପୂଜା ପ୍ରତ୍ୟହ ଅନୁଷ୍ଠିତ ହୋଇଥାଏ । ଏହି ପୂଜା ସମୟରେ ସେଠିକାର ପାହାଚରେ କୌଣସି ଲୋକ ପାଦଦେବା ମନା । ଅଜାଣତରେ କେହି ପାଦ ଦେଲେ ସେଠାରେ ମହାସ୍ନାନ ହୋଇ ପୁନର୍ବାର ପୂଜା ହୁଏ ।

୨. ପ୍ର - ଶ୍ରୀମନ୍ଦିର ପରିସରରେ 'ଜଳକ୍ରୀଡ଼ା ମଣ୍ଡପ' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ଜଳକ୍ରୀଡ଼ା ନୀତି ନିମନ୍ତେ ଶ୍ରୀମନ୍ଦିର ଦକ୍ଷିଣ ଦିଗରେ ଥିବା କୁଣ୍ଡ ଉପରେ ମଣ୍ଡପ ।

୩. ପ୍ର - ଶ୍ରୀମନ୍ଦିର ସହିତ 'ଜଳକବର' ଶବ୍ଦର ସମ୍ପର୍କ କ'ଣ ?

ଉ - ଏହା ଏକ ପ୍ରକାର ପୁଷ୍ପଭୂଷା । ଏହା ମଧ୍ୟ ଠାକୁରଙ୍କ ଏକ ଅଳଙ୍କାର ବିଶେଷ । ପୁରୀ ସନ୍ନିକଟ ଏକ ଗ୍ରାମର ନାମ । ନରେନ୍ଦ୍ର ପୋଖରୀ ଖୋଳା ହେବା ପୂର୍ବରୁ ଚନ୍ଦନପୁରର ଜଳକବର ପୋଖରୀରେ ଚନ୍ଦନ ଯାତ୍ରା ହେଉଥିଲା ଓ ଚନ୍ଦନ ଯାତ୍ରାରୁ ଗ୍ରାମର ନାମ ଚନ୍ଦନପୁର ହେଲା ବୋଲି ଶ୍ରୀମର୍ତ୍ତ୍ୟ ବୈକୁଣ୍ଠରେ ଉଲ୍ଲେଖ ଅଛି ।

୪. ପ୍ର- ଶ୍ରୀମନ୍ଦିରରେ 'ଜଳଛେକ' କହିଲେ କ'ଣ ବୁଝାଯାଏ ?

ଉ- କେତେକ ନିର୍ଦ୍ଦିଷ୍ଟ ଦିବସରେ ଶ୍ରୀଠାକୁରଙ୍କୁ ଲାଗି ହେବା ନିମନ୍ତେ ହସ୍ତରେ ଧରି କଳସରେ ନେବା ଜଳ ।

୫. ପ୍ର- ଶ୍ରୀକ୍ଷେତ୍ରର 'ଜହ୍ନିମୁଣ୍ଡିଆ' କ'ଣ ଗୁରୁତ୍ୱ ବହନ କରେ ?

ଉ- ପୁରୀର ଛରି ଆଶ୍ରମ ମଧ୍ୟରୁ ମାର୍କଣ୍ଡେୟଙ୍କ ଆଶ୍ରମ ବ୍ୟତୀତ ଅନ୍ୟ ତିନି ଜଣ ପ୍ରାଚୀନ ଋଷିଙ୍କ ଆଶ୍ରମ ସମ୍ମୁଖସ୍ଥ ମଣ୍ଡପ । କୁମାର ପୂର୍ଣ୍ଣିମା ଦିନ ଶ୍ରୀସୁଦର୍ଶନଙ୍କୁ ଚଉଦୋଳରେ ବିଜେ ହୋଇ ଝୁଲଣ ମଣ୍ଡପ ଆସି ଅଳଙ୍କାର ଲାଗି ପରେ ଘଣ୍ଟ, ଛତ୍ର, କାହାଳୀ ସହ ବଡ଼ଦାଣ୍ଡ ବାଟେ ନଅର ଦ୍ୱାର, ମରୀଚିକୋଟ ଗଳି, ଜମ୍ବେଶ୍ୱରଙ୍କ ଆଶ୍ରମ ଦେଇ ଜହ୍ନିମୁଣ୍ଡିଆ ଉପରେ ବିଜେ କରନ୍ତି ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାନ ବ୍ୟବସ୍ଥା

## (କ) ଦାନ ଯୋଜନା (Donation Schemes)

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନକୁ ଜଣେ ଦାତା ନିମ୍ନ ଦାନ ଯୋଜନାଗୁଡ଼ିକ ମଧ୍ୟରେ ଦାନ କରିପାରିବେ ।

### ୧. ସାଧାରଣ ଦାନ ଯୋଜନା (General Donation)

ଏହି ଯୋଜନାରେ ଜଣେ ଦାତା ଯେକୌଣସି ପରିମାଣର ଦାନ କରିପାରିବେ ।

### ୨. କର୍ପସ ଫଣ୍ଡ ଦାନ ଯୋଜନା (Corpus Fund Donation Scheme)

ଏହି ଯୋଜନାରେ ଜଣେ ଦାତା ସର୍ବନିମ୍ନ ୧ ଲକ୍ଷ ଟଙ୍କାରୁ ଅଧିକ ଦାନ କରିପାରିବ । ଶ୍ରୀମନ୍ଦିର ପରିଚାଳନା ସମିତି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ରାଜ୍ୟ ସରକାରଙ୍କ ଅନୁମତିରେ ଚାଲିଛି । ଏହି ଯୋଜନାରେ ଦାତାଙ୍କୁ ଧ୍ୱଜା ବନ୍ଧନ, ଦୀପ, ମହାପ୍ରସାଦ ଭଳି କେତେକ ସ୍ୱତନ୍ତ୍ର ସୁବିଧା ସହିତ ଭକ୍ତ ନିବାସ ରହଣୀରେ ସୁବିଧା ମିଳିଥାଏ ।

### ୩. ମନ୍ଦିରର ମରାମତି କିମ୍ବା ନବୀକରଣ ସମ୍ପର୍କିତ ଦାନ (Donation for Repair or Renovation)

ଏହି ଯୋଜନାରେ ସର୍ବନିମ୍ନ ୫୦୦ ଟଙ୍କାରୁ ଅଧିକ ଦାନ କରିହେବ । କେବଳ ଏହି ଯୋଜନାରେ ଦାତାଙ୍କୁ ଆୟକର ନିୟମ ୧୯୬୧ର ଧାରା ୮୦-ଏ ଅନୁସାରେ ସୁବିଧା ମିଳିଥାଏ ।

## (ଖ) କେମିତି କରିହେବ ଦାନ (How to Donate)

ନିମ୍ନଲିଖିତ ଉପାୟରେ ଦାନ ଗ୍ରହଣ କରାଯାଉଛି । ସେଗୁଡ଼ିକ ହେଲା-

**୧. ଅନଲାଇନ୍ ଡୋନେସନ୍ (Online Donation)**

ଶ୍ରୀମନ୍ଦିର ପ୍ରଶାସନର ୱେବସାଇଟ୍ (www.shreejagannatha.in) ଜରିଆରେ ଦାନ କରିହେବ ।

୨. ସେହିପରି ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟସ୍ଥିତ ଦାନ ପ୍ରକୋଷ୍ଠ, ଶ୍ରୀମନ୍ଦିର ପରିସରରେ ଥିବା ଶାଖା କାର୍ଯ୍ୟାଳୟ, ସିଂହଦ୍ୱାର ସ୍ଥିତ ସୂଚନା କେନ୍ଦ୍ର, ଶ୍ରୀଗୁଣ୍ଡିଚା ମନ୍ଦିର ସୂଚନା କେନ୍ଦ୍ର, ପୁରୀ ରେଳଷ୍ଟେସନ୍ ସୂଚନା କେନ୍ଦ୍ର ଏବଂ ଭୁବନେଶ୍ୱର ଜୟଦେବ ଭବନ ପରିସରସ୍ଥିତ ସୂଚନା କେନ୍ଦ୍ରରେ ମଧ୍ୟ ଦାନ ଗ୍ରହଣ କରାଯାଉଛି ।

୩. ଏହା ସହିତ ଦାତାମାନେ ଡିଡି (DD) / ଚେକ୍ (Cheque)/ମନିଅର୍ଡ଼ର (Money Order) ମାଧ୍ୟମରେ ବି ଦାନ ପଠାଇପାରିବେ ।

(In Favour of Administrator, SJTA, Puri.)




**ଠିକଣା ହେଲା**

ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, କାର୍ଯ୍ୟାଳୟ, ପୁରୀ
ପିନ୍-୭୫୨୦୦୧

(ଗ) ଅଧିକ ସୂଚନା ପାଇଁ ଯୋଗାଯୋଗ କରିପାରିବେ -

୧. ଦାନ ପ୍ରକୋଷ୍ଠ, ଶ୍ରୀମନ୍ଦିର କାର୍ଯ୍ୟାଳୟ- (୦୬୭୫୨-୨୫୨୬୦୧)

୨. ସେହିପରି ଶ୍ରୀମନ୍ଦିର ପ୍ରଶାସନର ଇ-ମେଲ୍ ଜରିଆରେ ମଧ୍ୟ ସୂଚନା ପାଇହେବ । (jagannath.or@nic.in) ।

୩. ଦାତାମାନେ ଏହି QR Code scanner ଜରିଆରେ ମଧ୍ୟ ଦାନ କରିପାରିବେ ।




ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।


*Printed & Published by Shree Jagannatha Temple Administration, Puri, Ph. : 06752-222002, Fax - 252100*
*E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri, Mob- 9437022145*
@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri
ମୂଲ୍ୟ : ଦୁଇଟଙ୍କା ମାତ୍ର